# ଗ୍ରାମୀଣ କୃଷି ମୌସମ ସେବା, କେନ୍ଦୁଝର
# ଜିଲ୍ଲାସ୍ତରୀୟ ପାଣିପାଗ ଭିତ୍ତିକ କୃଷି ଉପଦେଶ ସେବା
# ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ
# ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ସଂପ୍ରସାରଣ କେନ୍ଦ୍ର

---

**ସପ୍ତାହ -48                ତାରିଖ-01.12.2023**

## ପାଣିପାଗ ଭିତ୍ତିକ କୃଷି ଉପଦେଶ – କେନ୍ଦୁଝର ଜିଲ୍ଲା ନିମନ୍ତେ

ଆସନ୍ତା ପାଞ୍ଚ ଦିନ ମଧ୍ୟରେ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି। ପବନ ର ବେଗ 6-7 କି. ମି. ପ୍ରତି ଘଣ୍ଟା ହେବାର ସମ୍ଭାବନା ରହିଛି ଏବଂ ଏହି ସମୟରେ ସର୍ବାଧିକ ତାପମାତ୍ରା 27-31 ଡିଗ୍ରୀ ଓ ସର୍ବନିମ୍ନ ତାପମାତ୍ରା 17-18 ଡିଗ୍ରୀ ରହିବାର ସମ୍ଭାବନା ରହିଛି।

| | Date | Rainfall (mm) | T-MAX (C ) | T-MIN (C ) | Cloud Cover | Rh Max (%) | Rh Min (%) | Wind speed (kmph) | Wind Direction (deg) |
|---|---|---|---|---|---|---|---|---|---|
| KENDUJHARGARH | 02-12-2023 | 0 | 31 | 17 | 3 | 71 | 39 | 7 | 72 |
| | 03-12-2023 | 0 | 30 | 17 | 3 | 73 | 46 | 7 | 64 |
| | 04-12-2023 | 1 | 30 | 18 | 4 | 73 | 48 | 7 | 77 |
| | 05-12-2023 | 5 | 28 | 18 | 5 | 89 | 55 | 6 | 77 |
| | 06-12-2023 | 7 | 27 | 18 | 6 | 89 | 88 | 6 | 66 |

**ସାଧାରଣ ପରାମର୍ଶ :**

ପରିପକ୍ୱ ଧାନ ଅମଳ କରନ୍ତୁ ଏବଂ ସଠିକ୍ ସୂର୍ଯ୍ୟୋଦୟ ପରେ ଏହାକୁ ସୁରକ୍ଷିତ ସ୍ଥାନରେ ରଖନ୍ତୁ | ଖଳା ଚଟାଣକୁ ସଫା ରଖନ୍ତୁ | ଧାନ ଅମଳ କରିବାର 10-15 ଦିନ ପୂର୍ବରୁ ମୁଗ, ବିରି, ପେସୀ ବୁଣିପାରିବେ। କୀଟ ଏବଂ ରୋଗ ପାଇଁ କ୍ଷେତ୍ରକୁ ଭଲ ଭାବରେ ନଜର ରଖନ୍ତୁ |

**ଧାନ :**

- କୃଷକମାନେ ପରିପକ୍ୱ ଧାନ ଅମଳ କରି ଦିଅନ୍ତୁ।
- ଧାନ ରଖିବା ସ୍ଥାନ ରେ Aluminium Phosphide 3 ଟାବ୍ଲେଟ ପ୍ରତି ଟନ ଧାନ ରେ ବ୍ୟବହାର କରିପାରିବେ।
- ଖଳା ଚଟାଣକୁ ପରିଷ୍କାର କରନ୍ତୁ।
- ଧାନରେ ଆଦ୍ରତା କମେଇବା ପାଇଁ ସୂର୍ଯ୍ୟକିରଣ ରେ ସୁଖେଇକି ରଖନ୍ତୁ।ଏହା ଦ୍ୱାରା ପୋକ ଲାଗିବାର ସମ୍ଭାବନା କମିଯାଇଥାଏ।

**ସୋରିଷ:**

- ଜଉପୋକ ର ଦମନ ପାଇଁ Methyl Demeton @ 0.02% ସିଂଚନ କରନ୍ତୁ।

**ତୋରିଆ:**

- ଦୁଇ ସପ୍ତାହ ର ଗଛ ହୋଇଗଲେ, ଅଧିକାଂଶ ଗଛକୁ ଓପାଡି ଦିଅନ୍ତୁ ଏବଂ ଗଛ ମଧ୍ୟରେ 10 cm ର ଦୂରତା ବଯାଏ ରଖନ୍ତୁ।

**ପନିପରିବା :**

- **ବାଇଗଣ:**

❖ ଫୋମୋପସିସ୍ ବ୍ଲାଇଟ୍ ରୋଗ କୁ ନିୟନ୍ତ୍ରଣ କରିବା ପାଇଁ ବାଇଗଣରେ ପ୍ରତି ଏକରକୁ ପ୍ରୋପିନେବ @ 400mg ସିଂଚନ କରନ୍ତୁ।

❖ ବାଇଗଣରେ କାଣ୍ଡ ଏବଂ ଫଳ ବିନ୍ଧା ପୋକ ର ଦମନ ପାଇଁ Emamectin benzoate 5% SG @ 4g/10 lt ପାଣିରେ ମିଶାଇ ସିଂଚନ କରନ୍ତୁ।

- **ବନ୍ଧାକୋବି:**

❖ କାଣ୍ଡବିନ୍ଧା ପୋକ ର ନିୟନ୍ତ୍ରଣ ପାଇଁ Chloropyriphos @ 2 ml/lt ବ୍ୟବହାର କରନ୍ତୁ।

- ବନ୍ଧାକୋବିରେ ଜଉପୋକ ର ଦମନ ପାଇଁ Dimethoate 30% EC @ 6 ml/10 lt କିମ୍ବା Malathion 50% EC @ 1.5 ml/lt ପାଣିରେ ମିଶାଇ ସିଂଚନ କରନ୍ତୁ।

- **ଟମାଟୋ:**
- ଧଳା ମାଛି ର ନିୟନ୍ତ୍ରଣ ପାଇଁ, Thiomethoxam 25 % WG @ 40 g ପ୍ରତି ଏକର ବ୍ୟବହାର କରନ୍ତୁ।

- **ପୋଟଳ:**
- ପୋଟଳ ରେ downy mildew କୁ ରୋକିବା ପାଇଁ Metalaxyl + Mancozeb @ 400 g ପ୍ରତି ଏକର ବ୍ୟବହାର କରନ୍ତୁ।

**ଫଳ:**

- **ଅମୃତଭଣ୍ଡା:**
- ଅମୃତଭଣ୍ଡା ରେ ଧଳା ମାଛି ର ଦମନ ପାଇଁ NSKE5 % ସିଂଚନ କରନ୍ତୁ।
- ସପ୍ତାହ ରେ ଥରେ ରୁ ଦୁଇଥର ଗଛରେ ପାଣି ଦିଅନ୍ତୁ।

- **ଆମ୍ବ:**
- ଆମ୍ବରେ ପାଉଁସିଆ ରୋଗ କୁ ରୋକିବା ପାଇଁ, Carbendazim (0.1%) କିମ୍ବା Tridemorph ( 0.1%) କିମ୍ବା Karathane (0.1%) ବ୍ୟବହାର କରନ୍ତୁ।

**TECHNICAL OFFICER**

---

ଉତ୍ତମ କୃଷି ସୁବିଧା ବ୍ୟବହାର ପାଇଁ, OUAT କାଲିଙ୍ଗା ଉତ୍ପାଦଗୁଡିକ (ବିହନ, ଚାରା ଏବଂ QPM, ଟିସୁ ସଂସ୍କୃତି ଉଦ୍ଭିଦ, ଫଳ ଏବଂ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, କୁକୁଡ଼ା ଛୁଆ, ପ୍ରଜାତି, ଛତୁ ଏବଂ ସ୍ପନ୍, ବାୟୋ-ସାର, ବାୟୋ-କୀଟନାଶକ, ଜିଆ ଖତ, ଭର୍ମି କମ୍ପୋଷ୍ଟ ଏବଂ ଫାର୍ମ ପ୍ରୟୋଗ) |

IMD ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ଅବସ୍ଥାନର ଏଗ୍ରୋ-ମେଟେରୋଲୋଜିକାଲ୍ ପରାମର୍ଶଦାତା ବର୍ତ୍ତମାନ ଇଂରାଜୀ ଏବଂ ଓଡିଆ ଭାଷାରେ ମେଘଦୂତ ମୋବାଇଲ୍ ଆପ୍ ରେ ଉପଲବ୍ଧ |

**Download: (Android: https://play.google.com/store/apps/details?id=com.aas.meghdoot),
(iOS: https://apps.apple.com/in/app/meghdoot/id1474048155)**